


ପ୍ରେସ୍ ନୋଟ୍

## ବାପା ମା ଛେଉଣ୍ଡପିଲାମାନଂକୁ ସହାୟତା ପ୍ରଦାନ ।

ଅନୁଗୋଳ,ତା.୩୦.୫.:- ମହାମାରୀ କୋଭିଡରେ ଆକ୍ରାନ୍ତ ହୋଇ ବାପା ଓ ମାଙ୍କୁ ହରାଇଥିବା ପିଲାମାନଂକୁ ପି ଏମ୍ କେୟାର ଯୋଜନା ଅଧିନରେ ସହାୟତା ପ୍ରଦାନ କରାଯାଇଛି । ଆଜି ସକାଳ ୧୦.୩୦ ମିନିଟ୍ ସମୟରେ ଏନ୍ ଆଇ ସି ସମ୍ମିଳନୀ କକ୍ଷରେ ଆୟୋଜିତ ଭିଡିଓ କନଫରେନ୍ସ ମାଧ୍ୟମରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସହାୟତା ପ୍ରଦାନ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଜନୀକାନ୍ତ ସ୍ୱାଇଁ ଜିଲ୍ଲା ତରଫରୁ ଚୟନ ହୋଇଥିବା ହିତାଧିକାରୀ ସ୍ନେହା ପାତ୍ରଙ୍କୁ ପ୍ରଧାନମନ୍ତ୍ରୀଙ୍କ ଚିଠି,ବ୍ୟାଙ୍କ ପାସ୍ ବୁକ୍,ସ୍ୱାସ୍ଥ୍ୟ ବୀମା କାର୍ଡ ସମେତ କିଟ୍ ବ୍ୟାଗ୍ ହସ୍ତାନ୍ତର କରିଛନ୍ତି । ବାପା ମା ଛେଉଣ୍ଡ ପିଲାମାନଂକୁ ବିଭିନ୍ନ ସହାୟତା ପ୍ରଦାନକରାଯାଇ ସେମାନଂକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ହେଉଛି ଏହି ଯୋଜନାର ମୁଳ ଲକ୍ଷ୍ୟ । ଅନୁଷ୍ଠିତ ହୋଇଥିବା ଭିଡିଓ କନଫରେନ୍ସରେ ଏନ୍ ଆଇ ସିର ଡି ଆଇ ଓ ଶ୍ରୀ ସୁବ୍ରତ ଚାଟାର୍ଜି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଙ୍କର ବେହେରା, ଶିଶୁ ମଙ୍ଗଳ କମିଟି ଓ କିଶୋର ନ୍ୟାୟ୍ ବୋର୍ଡର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା ୩୨୦ ତା. ୩୦.୦୫.୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ